## ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ପରଲୋକ

ଭଣ୍ଡାରିପୋଖରୀ,୧୭।୫(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକର ଭଗିବିନ୍ଧା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସରୋଜ କୁମାର ନାୟକ(୭୨)ଙ୍କ ଗୁରୁବାର ଅପରାହ୍ନରେ କଟକସ୍ଥିତ ଏକ ଘରୋଇ ହସ୍ପିଟାଲରେ ହୃଦ୍‌ଘାତରେ ପରଲୋକ ହୋଇଛି। ମୃତ୍ୟୁଶଯ୍ୟା ନିକଟରେ ସ୍ତ୍ରୀ ରେଣୁବାଳା, ପୁତ୍ର ନିର୍ମାଲ୍ୟ ଓ ଭାଇ ମନୋଜ ଉପସ୍ଥିତ ଥିଲେ। ତାଙ୍କ ମରଶରୀରକୁ ପୈତୃକ ଗ୍ରାମ ଦଇପୁରକୁ ଶୋଭାଯାତ୍ରାରେ ନିଆଯାଇଥିଲା। ସ୍ଥାନୀୟ ଭଗିବିନ୍ଧା ଓ କରଞ୍ଜିଗୁଣ୍ଡୁପୁର ବିଦ୍ୟାଳୟ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଶୋଭାଯାତ୍ରାରେ ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜ, ପୂର୍ବତନ ସରପଞ୍ଚ ରାଜୀବ ନାୟକ, ସରପଞ୍ଚ ପ୍ରତିନିଧି ପ୍ରଶାନ୍ତ ନାୟକ, ପୂର୍ବତନ ବିଇଓ ଶ୍ରୀଚରଣ ମଲ୍ଲିକ, ପୁରୁଷୋତ୍ତମ ଧଳ, ସୁନୀଲ ନାୟକ, ଉମେଶ ନାୟକ, ନିରଞ୍ଜନ ନାୟକ, ପ୍ରଫୁଲ୍ଲ କୁମାର ସାହୁ, ଘନଶ୍ୟାମ ସ୍ୱାଇଁ, ଶିବ ଚରଣ ସ୍ୱାଇଁ, ପ୍ରଶାନ୍ତ ଜେନା, ଜଗନ୍ନାଥ ନାୟକ, ଭାସ୍କର ଉପାଧ୍ୟାୟ, ନିରଞ୍ଜନ ବଳ, ରମାକାନ୍ତ ସାମଲ ପ୍ରମୁଖ ସାମିଲ ଥିଲେ।



ସରୋଜ ନାୟକ।

# ଆୟୁଷ ଡାକ୍ତରରେ ଚାଲିଛି ସ୍ୱାସ୍ଥ୍ୟସେବା

**ଅଡ଼ାଳପଙ୍କ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର**

- ନିରାଶ ହୋଇ ଫେରୁଛନ୍ତି ରୋଗୀ
- ସ୍ଥାୟୀ ଡାକ୍ତର ନିଯୁକ୍ତି ଦାବି

ଭଦ୍ରକ,୧୭।୫(ସନାତନ ରାଉତ)

ଭଦ୍ରକ ଜିଲା ବନ୍ତ ବ୍ଲକର ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ଅଡ଼ାଳପଙ୍କ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘଦିନ ଧରି ଆୟୁଷ ଡାକ୍ତରରେ ସ୍ୱାସ୍ଥ୍ୟସେବା ଚାଲିଛି। କେତେବେଳେ କେମିତି ଜଣେ ଡାକ୍ତର ନିଯୁକ୍ତି ପାଉଥିବା ବେଳେ ପରବର୍ତ୍ତୀ ମୂହୂର୍ତ୍ତରେ ତାଙ୍କୁ ସ୍ଥାନାନ୍ତର କରି ଦିଆଯାଉଛି। ଜଣେ ଆୟୁଷ ଡାକ୍ତରଙ୍କୁ ନେଇ ସ୍ୱାସ୍ଥ୍ୟସେବା ଚାଲୁଥିବା ବେଳେ ତାଙ୍କୁ ମଧ୍ୟ ସପ୍ତାହରେ ଥରେ ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଡେପୁଟେଶନରେ ପଠାଇ ଦିଆଯାଉଛି। ଫଳରେ ଏହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରୁଥିବା ଲୋକେ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଛନ୍ତି।

ବନ୍ତ-ଆଗରପଡ଼ା ମୁଖ୍ୟ ରାସ୍ତା ପାର୍ଶ୍ୱରେ ଅବସ୍ଥିତ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଆଡ଼ିଆ, ରାମଚନ୍ଦ୍ରପୁର ପଞ୍ଚାୟତ ସମେତ କେନ୍ଦୁଝର ଜିଲା ହାଟଡିହୀ ବ୍ଲକର ସଡ଼ା ଓ ସୋସୋ ପଞ୍ଚାୟତର ୪ ହଜାରରୁ ଊର୍ଦ୍ଧ୍ୱ ଲୋକ ନିର୍ଭରଶୀଳ। ମୁଖ୍ୟରାସ୍ତା କଡ଼ରେ ଡାକ୍ତରଖାନା ଥିବାରୁ ବିଭିନ୍ନ ସମୟରେ ଦୁର୍ଘଟଣାରେ ଶିକାର ହୋଇଥିବା ଆହତମାନେ ଆଶୁ ଚିକିତ୍ସା ପାଇଁ ଏଠାକୁ ଆସି ନିରାଶ ହେଉଛନ୍ତି। ଗତ ଜାନୁଆରୀରେ ଏଠାରେ ଜଣେ ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ଚଳିତ ମାସରେ ତାଙ୍କର ମଧ୍ୟ ବଦଳି ହୋଇଯାଇଛି। ଡାକ୍ତର ନ ଥିବାରୁ ବିଭିନ୍ନ ସମୟରେ ରୋଗୀମାନେ ନିରାଶ ହୋଇ ଫେରୁଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହେଉଥିବା ସ୍ଥାନୀୟ ଅଞ୍ଚଳର ଶିକ୍ଷାବିତ୍ ପଦ୍ମନାଭ ସେଠୀ ପ୍ରକାଶ କରିଛନ୍ତି। ଏପରିକି ସେ ଶୁକ୍ରବାର ନିଜର ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଏଠାକୁ ଆସିଥିବା ବେଳେ ଦୀର୍ଘ ସମୟ ଅପେକ୍ଷା କରି ମଧ୍ୟ ଡାକ୍ତର ନ ଥିବାରୁ ନିରାଶ ହୋଇଥିବା କହିଛନ୍ତି। ଏଠାରେ ଜଣେ ସ୍ଥାୟୀ ଡାକ୍ତର ନିଯୁକ୍ତି ଦେବାକୁ ଦାବି କରିବା ସହ ଏନେଇ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ମଧ୍ୟ ସେ ଚେତାବନୀ ଦେଇଛନ୍ତି।

ଏ ସମ୍ପର୍କରେ ଭାରପ୍ରାପ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଆୟୁଷ ଡାକ୍ତର ଦିଲୀପ ସାହୁ କହିଛନ୍ତି, ସପ୍ତାହରେ ଗୋଟିଏ ଦିନ ତାଙ୍କୁ ଡେପୁଟେଶନରେ ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଅପରପକ୍ଷେ ସିଡିଏମ୍‌ଓ ଡା. ସନ୍ତୋଷ ପାତ୍ର କହିଛନ୍ତି, ନିଯୁକ୍ତି ପାଇଥିବା ଡାକ୍ତରଙ୍କୁ ମେଡିକାଲ କଲେଜକୁ ସ୍ଥାନାନ୍ତର ପାଇଁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ରହିଛି। ମେଡିକାଲ କଲେଜରେ ଡାକ୍ତର ଅଭାବରୁ ଏପରି ସ୍ଥିତି ସୃଷ୍ଟି ହୋଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଜିଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱାସ୍ଥ୍ୟସେବା ଯୋଗାଇବାକୁ ବିଭିନ୍ନ ଡାକ୍ତରଙ୍କୁ ଡେପୁଟେଶନରେ ନିଆଯାଉଛି। ଅଡ଼ାଳପଙ୍କ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରୁ ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଉଥିବା ଡାକ୍ତରଙ୍କ ଡେପୁଟେଶନ ଖୁବ୍‌ଶୀଘ୍ର ବାତିଲ କରାଯିବ ବୋଲି ସେ କହିଛନ୍ତି। ତେବେ କେବଳ ଅଡ଼ାଳପଙ୍କ ନୁହେଁ, ଏପରିସ୍ଥିତି ଜିଲାର ବିଭିନ୍ନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଦେଖାଯାଉଛି।



## ରାଜ୍ୟସ୍ତରୀୟ ଏନ୍‌ସିସି ପ୍ରଶିକ୍ଷଣ



ଚାନ୍ଦବାଲି ମହାବିଦ୍ୟାଳୟରେ ପ୍ରଶିକ୍ଷଣ ଶିବିରରେ ଭାଗ ନେଇଥିବା ଏନ୍‌ସିସି କ୍ୟାଡେଟ।

ଚାନ୍ଦବାଲି,୧୭।୫(କିଷାନ ପାତ୍ର)

ଚାନ୍ଦବାଲି ମହାବିଦ୍ୟାଳୟ ପରିସରରେ ରାଜ୍ୟସ୍ତରୀୟ ବାର୍ଷିକ ଏନ୍‌ସିସି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ବୁଧବାରଠାରୁ ଆରମ୍ଭ ହୋଇଥିବା ୧୦ଦିନିଆ ଶିବିରରେ ରାଜ୍ୟର ବିଭିନ୍ନ ଜିଲା ଓ ମହାବିଦ୍ୟାଳୟରୁ ୫ଶହରୁ ଊର୍ଦ୍ଧ୍ୱ ଏନ୍‌ସିସି କ୍ୟାଡେଟ ଅଂଶଗ୍ରହଣ କରି ପ୍ରଶିକ୍ଷଣ ନେଉଛନ୍ତି। ଉକ୍ତ ଶିବିରକୁ ୨ୟ ନାଭାଲ ୟୁନିଟ୍ ଏନ୍‌ସିସି କମାଣ୍ଡିଂ ଅଫିସର କ୍ୟାପଟେନ ଅମିୟ କୁମାର ଦାସ ଉଦ୍‌ଘାଟନ କରିଥିଲେ। ଚାନ୍ଦବାଲି ମହାବିଦ୍ୟାଳୟର ଅଧକ୍ଷ ଡ. ତରଣୀସେନ ପଣ୍ଡା ଉପସ୍ଥିତ ଥିଲେ। ବିଭିନ୍ନ ମହାବିଦ୍ୟାଳୟରୁ ଉଭୟ ବରିଷ୍ଠ ଓ କନିଷ୍ଠ ବିଭାଗର ଛାତ୍ରୀଛାତ୍ର ଏଥିରେ ଭାଗ ନେଇଛନ୍ତି। ଚାନ୍ଦବାଲି କଲେଜର ଅଧାପକ ଶାନ୍ତନୁ କୁମାର ନାୟକ, ମୁଖ୍ୟ ପ୍ରଶିକ୍ଷକ ମୁକ୍ତିକାନ୍ତ ମହାକୁଡ଼ ଓ ଅନ୍ୟ କର୍ମଚାରୀ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ମଞ୍ଜୁଳ ମଞ୍ଜରୀ ସରସ୍ୱତୀ ଶିଶୁମନ୍ଦିରର ସଫଳତା

**ପ୍ରାଦେଶିକ ମେଧା ଓ ଭାରତୀ କୃଷ୍ଣ ଗଣିତ ପ୍ରତିଭା ପରୀକ୍ଷା**



ସାଇ ପ୍ରତ୍ୟୁଷ ବେହେରା, ଦିବ୍ୟଜ୍ୟୋତି ନାୟକ, ସାଇ ପ୍ରଭାତ ପ୍ରଜ୍ଞାନ, ସାଇ ସୌରଭ ପଣ୍ଡା।

ଭଦ୍ରକ, ୧୭।୫ (ରବିନାରାୟଣ ଖିଲାର)

ପ୍ରାଦେଶିକ ମେଧା ଓ ଭାରତୀ କୃଷ୍ଣ ଗଣିତ ପ୍ରତିଭା ପରୀକ୍ଷାରେ ଭଦ୍ରକ ନୂଆବଜାରସ୍ଥିତ ମଞ୍ଜୁଳ ମଞ୍ଜରୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସ୍କୁଲର ଛାତ୍ରଛାତ୍ରୀ ସଫଳତା ହାସଲ କରିଛନ୍ତି। ବିଦ୍ୟାମନ୍ଦିରର ୫ମ ଶ୍ରେଣୀ ଛାତ୍ର ସାଇ ପ୍ରତ୍ୟୁଷ ବେହେରା ଓ ୭ମ ଶ୍ରେଣୀର ରେୟନ ସ୍ୱାଇଁ ଓଡ଼ିଶାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ୫ମ ଶ୍ରେଣୀର ସାଇସୌରଭ ପଣ୍ଡା, ସାଇ ପ୍ରଭାତ ପ୍ରଜ୍ଞାନ, ୩ୟ ଶ୍ରେଣୀର କେ ଟି ଦିବ୍ୟଜ୍ୟୋତି ନାୟକ ଏବଂ ୯ମ ଶ୍ରେଣୀର ଶାଶ୍ୱତ ବେହେରା କୃତିତ୍ୱ ହାସଲ କରିଛନ୍ତି। ଛାତ୍ରୀଛାତ୍ରଙ୍କ ଏହି ସଫଳତାରେ ସ୍କୁଲ ଅଧକ୍ଷ, ପରିଚାଳନା କମିଟି ସଭାପତି, ସମ୍ପାଦକଙ୍କ ସମେତ ସମସ୍ତ କର୍ମକର୍ତ୍ତା, ମାର୍ଗଦର୍ଶକ ଆନନ୍ଦ ପ୍ରକାଶ କରିବା ସହ ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି।

## ବିଶ୍ୱ ଉଚ୍ଚ ରକ୍ତଚାପ ଦିବସରେ ସଚେତନତା

ଭଦ୍ରକ, ୧୭।୫ (ରବିନାରାୟଣ ଖିଲାର/ ସନାତନ ରାଉତ)

ବିଶ୍ୱ ରକ୍ତଚାପ ଦିବସ ଅବସରରେ ଇଣ୍ଡିଆନ ମେଡିକାଲ ଆସୋସିଏସନର ଭଦ୍ରକ ଶାଖା ପକ୍ଷରୁ ଶୁକ୍ରବାର ଜନସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ଟାଉନ ହଲ୍‌ଠାରୁ ସଚେତନତା ଶୋଭାଯାତ୍ରା ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଶେଷ ହୋଇଥିଲା। ଭଦ୍ରକର ଡା. ରବୀନ୍ଦ୍ର ନାୟକ, ଡା. ପ୍ରଦୀପ ନାୟକ, ଡା. ସୁଧୀର ନାୟକ, ଡା. ଧନଞ୍ଜୟ ପଣ୍ଡା, ଡା. ଭାଗ୍ୟଶ୍ରୀ ପଣ୍ଡା, ଡା. ଶୁଭଶ୍ରୀ ପଣ୍ଡା, ଡା. ଦେବରାଜ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ଉଚ୍ଚ ରକ୍ତଚାପ ନିୟନ୍ତ୍ରଣ ଓ ଏହାର ଚିକିତ୍ସା ବିଷୟରେ ଲୋକଙ୍କୁ ସଚେତନ କରାଇଥିଲେ। ଲୁଣ କମ୍ ଖାଇବା, ନିୟମିତ ବ୍ୟାୟାମ କରିବା ସହ ନିୟମିତ ରକ୍ତଚାପ ମାପ କରି ଔଷଧ ଖାଇବାକୁ ପରାମର୍ଶ ଦେଇଥିଲେ। ବିଭିନ୍ନ ଔଷଧ କମ୍ପାନୀ ପ୍ରତିନିଧି ଓ ଜନସାଧାରଣ ଏଥିରେ ସାମିଲ ହୋଇଥିଲେ।




ମେଡିକାଲ ଆସୋସିଏଶନ ପକ୍ଷରୁ ବାହାରିଥିବା ସଚେତନତା ଶୋଭାଯାତ୍ରା।

## ୧୧୨କୁ କଲ୍ କରି ସମସ୍ୟା ଜଣାଇବେ ବରିଷ୍ଠ ନାଗରିକ




ସମ୍ମିଳନୀରେ ବରିଷ୍ଠ ନାଗରିକ ଓ ପୋଲିସ ଅଧିକାରୀ।

ତିହିଡ଼ି, ୧୭।୫ (ସଞ୍ଜିତ ବଳ)

ତିହିଡ଼ି ଥାନା ପକ୍ଷରୁ ବରିଷ୍ଠ ନାଗରିକମାନଙ୍କ ପାଇଁ ୧୧୨ ନମ୍ବର ଜାରି ହୋଇଛି। ଆବଶ୍ୟକ ସ୍ଥଳେ ସେହି ନମ୍ବରକୁ କଲ୍ କରି ବରିଷ୍ଠ ନାଗରିକମାନେ ସମସ୍ୟା ବେଳେ ପୋଲିସର ସହଯୋଗ ପାଇପାରିବେ। ତିହିଡ଼ି ଥାନା ପରିସରରେ ଅନୁଷ୍ଠିତ ବରିଷ୍ଠ ନାଗରିକ ସମ୍ମିଳନୀରେ ନୋଡାଲ ଅଫିସର ଏସ୍‌ଆଇ ଅରୁନ୍ଧତୀ ବେହେରା ଏହି ସୂଚନା ଦେଇଛନ୍ତି। ଆଇଆଇସି ପ୍ରସନ୍ନ କୁମାର ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ସମ୍ମିଳନୀରେ ସଂଘର ସଭାପତି ସୋମନାଥ ପାଢ଼ୀ କହିଥିଲେ ଯେ ବ୍ୟାଙ୍କ, ସରକାରୀ କାର୍ଯ୍ୟାଳୟରେ ବରିଷ୍ଠ ନାଗରିକମାନେ କିପରି ଅଗ୍ରାଧିକାର ପାଇପାରିବେ ସେ ଦିଗରେ ସୁବ୍ୟବସ୍ଥା କରାଯିବା ଆବଶ୍ୟକ। ଆଇଆଇସି ନାୟକ ସରକାର ଓ ପୋଲିସ ପକ୍ଷରୁ ବରିଷ୍ଠ ନାଗରିକଙ୍କୁ ଯୋଗାଇ ଦିଆଯାଉଥିବା ସୁବିଧା ସୁଯୋଗ ସମ୍ପର୍କରେ ଅବଗତ କରାଇଥିଲେ। ଏହି ଅବସରରେ ନୂତନ ବରିଷ୍ଠ ନାଗରିକମାନଙ୍କୁ ପରିଚୟ ପତ୍ର ବଣ୍ଟନ କରାଯାଇଥିଲା। ପି. ହୃଷୀକେଶ ସ୍ୱାଗତ ଭାଷଣ ଓ ନିତ୍ୟାନନ୍ଦ ମଲ୍ଲିକ ଧନ୍ୟବାଦ ଦେଇଥିଲେ। ସମ୍ପାଦକ ବିଭୂତି ଭୂଷଣ ସେନାପତି, ଶିକ୍ଷାବିତ୍ କୁଳମଣି ସାହୁ, କୃପାସିନ୍ଧୁ ବାରିକ, ହରେକୃଷ୍ଣ ଜେନା, ଲକ୍ଷ୍ମୀକାନ୍ତ ମହାପାତ୍ର, ନରହରି ନାୟକ, ରଘୁନାଥ ଜେନା, ରବୀନ୍ଦ୍ର ଦାସ, ନାରାୟଣ ପାତ୍ର, ଦଶରଥ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ପୂର୍ବଶତ୍ରୁତାରୁ ଆକ୍ରମଣ, ୨ ବିଜେଡି କର୍ମୀ ଆହତ

ବାସୁଦେବପୁର,୧୭।୫ (ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ବ୍ଲକର ବାଲିମୁଣ୍ଡା ବଜାରରେ ଶୁକ୍ରବାର ସନ୍ଧ୍ୟାରେ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଗଣ୍ଡଗୋଳ ଘଟିଛି। ଏହି ଗଣ୍ଡଗୋଳରେ ଆକ୍ରମଣରେ ୨ ବିଜେଡି କର୍ମୀ ଆହତ ହୋଇଛନ୍ତି। ସେମାନେ ହେଲେ ବାଲିମୁଣ୍ଡା ପଞ୍ଚାୟତ ଚାରିଚିକିରା ଗ୍ରାମର ସମୀର ମାଇତି ଓ ତେନ୍ତୁଳିଆଡିଆ ଗ୍ରାମର ଦୀପକ ବେରା। ବାସୁଦେବପୁର ଡାକ୍ତରଖାନାରେ ସେମାନଙ୍କର ଚିକିତ୍ସା କରାଯାଇଛି। ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଡାକ୍ତରଖାନାରେ ପହଞ୍ଚି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ଭାଜପା ସମର୍ଥକମାନେ ସେମାନଙ୍କୁ ଆକ୍ରମଣ କରିଥିବା ଆହତ ଦୁଇ ଯୁବକ ପ୍ରକାଶ କରିଛନ୍ତି।

## ୬ ନିର୍ବାଚନ ପର୍ଯ୍ୟବେକ୍ଷକ ନିଯୁକ୍ତ

**ଅଭିଯୋଗ ପାଇଁ ଦିଆଗଲା ମୋବାଇଲ ନମ୍ବର**

ଭଦ୍ରକ,୧୭।୫(ସନାତନ ରାଉତ)

ଭଦ୍ରକ ଲୋକ ସଭା ଓ ୫ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଭାରତର ନିର୍ବାଚନ ଆୟୋଗଙ୍କ ଦ୍ୱାରା ୬ ଜଣ ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତ କରାଯାଇଛି। ବରିଷ୍ଠ ଭାରତୀୟ ପ୍ରଶାସନିକ ଅଧିକାରୀ ଭଗବତୀ ପ୍ରସାଦ କାଲାଲ ଏବଂ ଅଭିଚଲ ଚତୁର୍ବେଦୀଙ୍କୁ ସାଧାରଣ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଛି। ଭାରତୀୟ ରାଜସ୍ୱ ସେବାର ବରିଷ୍ଠ ଅଧିକାରୀ ଆର୍.ଭି. ଅରୁଣ ପ୍ରସାଦ, ରଣବୀର ଭୌମିକ ଏବଂ ଜିତେସ୍ କୁମାର ଜୈନ୍ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ ହୋଇଛନ୍ତି। ସେହିପରି ବରିଷ୍ଠ ଆଇପିଏସ୍ ଅଧିକାରୀ ଅଶୋକ କୁମାର ପୋଲିସ ବିଭାଗର ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ ହୋଇଛନ୍ତି। ସମସ୍ତ ପର୍ଯ୍ୟବେକ୍ଷକ ଭଦ୍ରକର ଗେଲପୁରଠାରେ ନୂଆ ସର୍କିଟ୍ ହାଉସ୍‌ରେ ରହୁଛନ୍ତି। ସାଧାରଣ ଲୋକେ ନିର୍ବାଚନ ସମ୍ବନ୍ଧୀୟ ଯେକୌଣସି ଅଭିଯୋଗ ପାଇଁ ପର୍ଯ୍ୟବେକ୍ଷକମାନଙ୍କୁ ସର୍କିଟ୍ ହାଉସରେ ନିର୍ଦ୍ଧାରିତ ସମୟ ପୂର୍ବାହ୍ନ ୧୧ଟାଠାରୁ ମଧ୍ୟାହ୍ନ ୧୨ଟା ମଧ୍ୟରେ ସାକ୍ଷାତ କରିପାରିବେ। ଅନ୍ୟ ସମୟରେ ଫୋନ୍ ମାଧ୍ୟମରେ ଅଭିଯୋଗ କରିପାରିବେ।

ସୋର, ସିମୁଳିଆ, ବାସୁଦେବପୁର, ଚାନ୍ଦବାଲିବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଦାୟିତ୍ୱରେ ଥିବା ସାଧାରଣ ପର୍ଯ୍ୟବେକ୍ଷକ କାଲାଲଙ୍କୁ ଯୋଗାଯୋଗ ନିମନ୍ତେ ମୋବାଇଲ ନମ୍ବର ୯୩୩୭୯୬୩୭୧୭, ଭଣ୍ଡାରିପୋଖରୀ, ଭଦ୍ରକ, ଧାମନଗର ନିର୍ବାଚନମଣ୍ଡଳୀ ପାଇଁ ନିଯୁକ୍ତ ପର୍ଯ୍ୟବେକ୍ଷକ ଚତୁର୍ବେଦୀଙ୍କୁ ଯୋଗାଯୋଗ ସକାଶେ ୯୩୩୭୯୫୬୬୮୭ ଏବଂ ଭଦ୍ରକ ଲୋକସଭା କ୍ଷେତ୍ର ଲାଗି ଖର୍ଚ୍ଚ ପର୍ଯ୍ୟବେକ୍ଷକ ପ୍ରସାଦଙ୍କୁ ମୋବାଇଲ ନମ୍ବର ୯୩୩୭୯୬୧୦୨୮ରେ ଯୋଗାଯୋଗ କରାଯିବ। ସେହିପରି ଭଣ୍ଡାରିପୋଖରୀ, ଭଦ୍ରକ ଓ ଧାମନଗର ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଭୌମିକଙ୍କୁ ୯୩୩୭୯୬୮୧୪୫, ସୋର, ସିମୁଳିଆ, ବାସୁଦେବପୁର ଓ ଚାନ୍ଦବାଲି ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଜୈନ୍‌ଙ୍କୁ ନମ୍ବର ୯୩୩୭୯୬୪୫୯୫ରେ ଯୋଗାଯୋଗ କରାଯିବ। ସେହିପରି ପୋଲିସ ବିଭାଗର ପର୍ଯ୍ୟବେକ୍ଷକ ଅଶୋକ କୁମାରଙ୍କୁ ୮୮୯୫୪୯୦୬୭୭) ନମ୍ବରରେ ଯୋଗାଯୋଗକରିବାକୁସୂଚନାଦିଆଯାଇଛି।

## ବୃଦ୍ଧଙ୍କୁ କଚାଡ଼ି ମାରିଲା ହାତୀ

ନୀଳଗିରି,୧୭।୫ (ପ୍ରଶାନ୍ତ ବିଶ୍ୱାଳ)

କୁଲଡ଼ିହା ଅଭୟାରଣ୍ୟ ପାଦଦେଶ ତଥା ନୀଳଗିରି ଉପଖଣ୍ଡ ବାଉଁଶବଣିଆ ପଞ୍ଚାୟତ ଅଧୀନ ଢ଼ୋଲପୁର ଗାଁର ହରେକୃଷ୍ଣ ପ୍ରଧାନ(୭୦) ନାମକ ବୃଦ୍ଧଙ୍କୁ ଶୁକ୍ରବାର ସକାଳେ ଏକ ହାତୀ କଚାଡି ଦଳିଦେଇଛି। ସେ ଗାଁ ଅଙ୍ଗନୱାଡ଼ି ପାଖ ଖେଳପଡ଼ିଆକୁ ପ୍ରାତଃଭ୍ରମଣ ପାଇଁ ଯାଇଥିଲେ। ଗୁରୁବାର ରାତିରେ କୁଲଡିହାରୁ ଆସିଥିବା ହାତୀଟି ବୃଦ୍ଧଙ୍କୁ କଚାଡ଼ି ଭୁଷା ମାରିବା ସହିତ ପାଦରେ ଦଳି ଦେଇଥିଲା। ଫଳରେ ଘଟଣାସ୍ଥଳରେ ବୃଦ୍ଧଙ୍କର ମୃତ୍ୟୁ ହୋଇଯାଇଥିଲା। ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାରବର୍ଗ ଉକ୍ତ ଖେଳପଡ଼ିଆ ନିକଟକୁ ଖୋଜିବାକୁ ଯାଇ ରକ୍ତ ଜୁଡୁବୁଡୁ ଅବସ୍ଥାରେ ବୃଦ୍ଧ ପଡିଥିବା ଦେଖିଥିଲେ। ଏଭଳି ହାତୀ ଉପଦ୍ରବ ଲାଗି ରହିଥିବାରୁ ଗ୍ରାମବାସୀ ଉତ୍ତ୍ୟକ୍ତ ହୋଇ ନୀଳଗିରି-ବଉଳଗଡ଼ିଆ ରାସ୍ତାର ବାଲିଓରାଠାରେ ରାସ୍ତାରୋକୋ କରିଥିଲେ। ନୀଳଗିରି ଥାନାଧିକାରୀ, ବନବିଭାଗ ଓ ବଣିଆ ସରପଞ୍ଚ ପହଞ୍ଚି ଦାବି ପୂରଣ ପାଇଁ ପ୍ରତିଶ୍ରୁତି ଦେବାରୁ ରାସ୍ତାରୋକୋ ହଟିଥିଲା। ମୃତକଙ୍କ ପରିବାରକୁ ରେଡ଼କ୍ରସ ତରଫରୁ ସହାୟତା ରାଶି ପ୍ରଦାନ କରାଯାଇଛି।

## ଦୋଷୀଙ୍କୁ ୧୦ ବର୍ଷ ଜେଲ

**ନାବାଳିକାଙ୍କୁ ବଳାତ୍କାର ମାମଲା**

କେନ୍ଦୁଝର,୧୭।୫ (ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

କେନ୍ଦୁଝର ଫାଷ୍ଟଟ୍ରାକ୍ କୋର୍ଟରେ ଶୁକ୍ରବାର ଏକ ନାବାଳିକା ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ବିଜୟ କୁମାର ମିଶ୍ର ଏହାର ବିଚାର କରି ଶରତ ମୁଣ୍ଡା (୨୨)ଙ୍କୁ ଦୋଷୀ ସାବ୍ୟସ୍ତ କରି ୧୦ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ଓ ଅନାଦାୟ ୬ ମାସ ଅଧିକ ଜେଲଦଣ୍ଡ ଆଦେଶ କରିଛନ୍ତି। ପୀଡ଼ିତାଙ୍କୁ ୭ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ରାଶି ପ୍ରଦାନ ନିମନ୍ତେ ଜିଲା ଆଇନସେବା ପ୍ରାଧିକରଣଙ୍କୁ ସୁପାରିସ କରିଛନ୍ତି ।ମାମଲାର ବିବରଣୀ ଅନୁଯାୟୀ, ପୀଡ଼ିତାଙ୍କ ମା'ଙ୍କ ମୃତ୍ୟୁ ପରେ ସେ ସାବତ ମା'ଙ୍କ ପାଖରେ ରହୁଥିଲେ। ଏପ୍ରିଲ ୨୦୦୦ ମସିହାରେ ଆଶାକର୍ମୀ ପୀଡ଼ିତାଙ୍କ ଶାରୀରିକ ଅସୁସ୍ଥତା ନେଇ ଏଏନ୍‌ଏମ୍ ଦିଦିଙ୍କୁ ଜଣାଇଥିଲେ। ଡାକ୍ତରୀ ପରୀକ୍ଷା ସମୟରେ ନାବାଳିକା ଗର୍ଭବତୀ ଥିବା ଜଣାପଡ଼ିଥିଲା। ପାଟଣା ଥାନା ଅଧୀନ କାମେଶ୍ୱରପୁର ଗ୍ରାମର ଶରତ ବିଭିନ୍ନ ପ୍ରକାରର ପ୍ରଲୋଭନ ଦେଖାଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିବା ପୀଡ଼ିତା ତାଙ୍କ ପରିବାର ଲୋକଙ୍କୁ କହିଥିଲେ। ଏ ସଂକ୍ରାନ୍ତରେ ପୀଡ଼ିତାଙ୍କ ସାବତ ମା' ପାଟଣା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଥିଲା। ୧୮ ଜଣ ସାକ୍ଷୀଙ୍କ ବୟାନ ଓ ପୋଲିସର ତଦନ୍ତ ରିପୋର୍ଟ ଆଧାରରେ ବିଚାରପତି ଉପରୋକ୍ତ ରାୟ ଶୁଣାଇଥିବା ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ଜ୍ଞାନେନ୍ଦ୍ରନାଥ ଜେନା କହିଛନ୍ତି।

## ଅବାଧ ନିର୍ବାଚନ ପାଇଁ ପୋଲିସ, ଅବକାରୀ ଚଢ଼ାଉ

ପାଟଣା,୧୭।୫(ବୀର କିଶୋର ଦାଶ):

ସାଧାରଣ ନିର୍ବାଚନକୁ ଅବାଧ କରିବା ନେଇ ପ୍ରଶାସନ ପକ୍ଷରୁ ଗଠିତ ଫ୍ଲାଇଂସ୍କ୍ୱାଡ, ଅବକାରୀ ଓ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଉଛି। ଏହି ପରିପ୍ରେକ୍ଷୀରେ ପାଟଣା ଥାନା ଅଧିକାରୀ ବିବସ୍ୱ ପ୍ରଧାନଙ୍କ ନେତୃତ୍ୱରେ ପୋଲିସ ଫୋର୍ସ ଭାଲିଆଡ଼ିହା, ଖଣ୍ଡେଇପଡ଼ା, ଭୋଲପଡ଼ାରେ ଚଢ଼ାଉ କରି ୫ ଶହ ଲିଟର ମହୁଲି ମଦ ଜବତ କରିବା ସହ ୧୫ ଶହ କିଗ୍ରା ପୋଚକୁ ନଷ୍ଟ କରିଛି। ସେହିଭଳି ତୁରୁମୁଙ୍ଗା ଥାନା ଅଧିକାରୀ ଧର୍ମେନ୍ଦ୍ର ଶାନ୍ତିଙ୍କ ନେତୃତ୍ୱରେ ତୁରୁମୁଙ୍ଗା ଥାନା ହୀରାପଶି ଗ୍ରାମରେ ପୋଲିସ ଓ ଏସ୍‌ଏସ୍‌ଟିଏଫ୍ ଟିମ ଚଢ଼ାଉ କରି ମହୁଲି ମଦ ଜବତ କରିବା ସହ ପୋଚକୁ ନଷ୍ଟ କରିଛନ୍ତି। ସେହିପରି ଭଲିଆଡିହା ଗ୍ରାମରେ ଚଢ଼ାଉ କରି ୧୪ଶହ ୮୦ଲିଟର ମହୁଲି ମଦ ଜବତ କରିବା ସହ ୧୨ ହଜାର ୩ ଶହ କିଗ୍ରା ପୋଚକୁ ନଷ୍ଟ କରାଯାଇଛି। ୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି।

### ୪ ମଦ ବ୍ୟବସାୟୀ ଗିରଫ

ହାଟଡିହୀ/ ଆନନ୍ଦପୁର(ଶୁଭକାନ୍ତ ନାୟକ/ଉମେଶ ଚନ୍ଦ୍ର ପାଢ଼ୀ): ଆନନ୍ଦପୁର ଏସଡିପିଓ ପ୍ରଶାନ୍ତ ବେହେରାଙ୍କ ନେତୃତ୍ୱରେ ଶୁକ୍ରବାର ନନ୍ଦିପଦା, ସୋସୋ, ଆନନ୍ଦପୁର, ଘସିପୁରା, ରାମଚନ୍ଦ୍ରପୁର ଥାନା ଅଞ୍ଚଳରେ ଚଢ଼ାଉ କରାଯାଇ ୧୬୧୮ ଲିଟର ମହୁଲି ମଦ ଜବତ ହୋଇଛି। ୩୩ ହଜାର ଲିଟର ପୋଚ ଜବତ କରାଯାଇଛି। ବେଆଇନ ନିଶା କାରବାର ଅଭିଯୋଗରେ ୪ ଜଣଙ୍କୁ ଗିରଫ କରିଛି। ନନ୍ଦିପଦା, ସୋସୋ, ଆନନ୍ଦପୁର, ଘସିପୁରା ଥାନା ମାନଙ୍କରେ ତିନୋଟି ଲେଖାଏଁ ମାମଲା ଏବଂ ରାମଚନ୍ଦ୍ରପୁର ଥାନାରେ ଗୋଟିଏ ମାମଲା ସମେତ ମୋଟ ୧୩ଟି ମାମଲା ରୁଜୁ ହୋଇଛି।



### ମହୁଲ ପୋଚ ନଷ୍ଟ

ଯୋଡ଼ା(ମାନସ ମହାନ୍ତି): ବଡବିଲ ଏସ୍‌ଡିପିଓ ପ୍ରିୟ ରଞ୍ଜନ ଛୋଟରାୟଙ୍କ ତତ୍ତ୍ୱାବଧାନର ପୋଲିସ ଉପଖଣ୍ଡର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୯୧୦୦ ଲିଟର ମହୁଲ ପୋଚ ନଷ୍ଟ କରିଛି। ୩୮୦ ଲିଟର ଦେଶୀ ମଦ ଜବତ କରିଛି। ପୃଥକ ଭାବେ ୧୧ ମାମଲା ରୁଜୁ କରାଯାଇଛି। ସେହିପରି ବାମେବାରି ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ଗୁରୁତୁଆଁ ଓ ବନ୍ଧୁଆ ବେଡ଼ା ଅଞ୍ଚଳରେ ଚଢାଉ କରାଯାଇ ପ୍ରାୟ ୨୦ ହଜାର ଲିଟରରୁ ଊର୍ଦ୍ଧ୍ୱ ମହୁଲ ପୋଚ ନଷ୍ଟ କରାଯାଇଛି।

### ଧରାପଡ଼ିଲେ ୪ ଅଭିଯୁକ୍ତ

ଚମ୍ପୁଆ(ମହେଶ୍ୱର ଦାସ): ଚମ୍ପୁଆ ଏସ୍‌ଡିପିଓ ବିଜୟ ମଲ୍ଲିକଙ୍କ ନିର୍ଦ୍ଦେଶ କ୍ରମେ ଥାନା ଅଧିକାରିଣୀ ଦେବକୀ ନାଏକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନାରଦପୁର, ଟଙ୍ଗୁଆବାହାଳ ଓ ମଙ୍ଗଳପୁର ଅଞ୍ଚଳରେ ଚଢ଼ାଉ କରାଯାଇଥିଲା। ଚଢ଼ାଉରେ ପୋଲିସ ୭୨୦୦ କେଜି ପୋଚ ନଷ୍ଟ କରିବା ସହିତ ୨୦୦ ଲିଟର ମହୁଲି ମଦ ଜବତ କରିଛି। ବେଆଇନ ଭାବେ ମଦ ବିକ୍ରି ଅଭିଯୋଗରେ ୪ ଜଣକୁ ଗିରଫ କରାଯାଇଛି।

### ବେଆଇନ ମଦଭାଟି ଉଚ୍ଛେଦ

ବଡବିଲ(ଦେବପ୍ରିୟ ରଣା): ବଡବିଲ ପୋଲିସ ଶୁକ୍ରବାର ସୟାବାଲି ଅଞ୍ଚଳରେ ଚଢ଼ାଉ କରି ବେଆଇନ ମହୁଲିମଦ ଭାଟିକୁ ଉଚ୍ଛେଦ କରିଛି। ୧୨୦୦ ଲିଟର ମହୁଲ ପୋଚକୁ ନଷ୍ଟ କରିଛି। ମଦ ତିଆରି ନିମନ୍ତେ ବ୍ୟବହୃତ ସାମଗ୍ରୀ ଜବତ କରିଥିବା ଜଣାପଡ଼ିଛି।

# ମଇଦାନରେ ୧୨ ଏମ୍‌ପି, ୫୭ ବିଧାୟକ ପ୍ରାର୍ଥୀ

## ବାଲେଶ୍ୱର ସଂସଦୀୟ କ୍ଷେତ୍ର

ବାଲେଶ୍ୱର, ୧୭।୫(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲାର ୮ ବିଧାନସଭା ନିର୍ବାଚନମଣ୍ଡଳୀ ଓ ସଂସଦୀୟ କ୍ଷେତ୍ର ପାଇଁ ଗତ ୭ରୁ ଆରମ୍ଭ ହୋଇଥିବା ନାମାଙ୍କନପତ୍ର ଦାଖଲ ଗତ ୧୪ ତାରିଖରେ ଶେଷ ହୋଇଥିଲା। ୧୭ ତାରିଖ ସୁଦ୍ଧା ଯାଞ୍ଚ ହେବା ସହ ପ୍ରାର୍ଥୀମାନେ ଇଚ୍ଛାମୂଳକ ଭାବେ ନିଜର ପ୍ରାର୍ଥୀପତ୍ରକୁ ଉଠାଇ ନେବା ପରେ ଶୁକ୍ରବାର ମୋଟ୍ ନାମାଙ୍କନପତ୍ର ଦାଖଲ କରିଥିବା ପ୍ରାର୍ଥୀଙ୍କ ତାଲିକା ନିର୍ବାଚନ ଅଧିକାରୀ ପ୍ରକାଶ କରିଛନ୍ତି। ସେଥିମଧ୍ୟରୁ ୬ ନଂ. ବାଲେଶ୍ୱର ସଂସଦୀୟ କ୍ଷେତ୍ର ପାଇଁ ଭାଜପାରୁ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ବିଜେଡିରୁ ଲେଖାଶ୍ରୀ ସାମନ୍ତସିଂହାର, କଂଗ୍ରେସରୁ ଶ୍ରୀକାନ୍ତ ଜେନା, ବହୁଜନ ସମାଜପାର୍ଟିରୁ ରଜତ କୁମାର ବେହେରା, ନ୍ୟାଶନାଲ ଆପ୍‌ନି ପାର୍ଟିରୁ ଗୋବିନ୍ଦ ଚନ୍ଦ୍ର ଭୋଇ, କୃପାରୁ ବିରେନ ପୁହାଣ, ସ୍ୱାଧୀନ ଭାବେ ଅଖିଳ କୁମାର ମହନ୍ତ, ଚିତ୍ତରଞ୍ଜନ ଷଡ଼ଙ୍ଗୀ, ଦୀପକ ଶଙ୍କର ଠାକୁର ଗିରି, ପ୍ରମୋଦ କୁମାର ପଟ୍ଟନାୟକ, ମହାମେଘ ବାହାନ ଐର ଖାରବେଳ ସ୍ୱାଇଁ ଓ ସୂର୍ଯ୍ୟକାନ୍ତ ଦାସମହାପାତ୍ର ନିର୍ବାଚନରେ ଅବତୀର୍ଣ୍ଣ ହୋଇଛନ୍ତି।

ସେହିପରି ୪୨ନଂ. ବିଧାନସଭା କ୍ଷେତ୍ର ସିମୁଳିଆ ନିର୍ବାଚନମଣ୍ଡଳୀରେ ବିଜେଡିରୁ ସୁବାସିନୀ ସାହୁ, ଭାଜପାରୁ ପଦ୍ମଲୋଚନ ପଣ୍ଡା, କଂଗ୍ରେସରୁ ହିମାଂଶୁ ଶେଖର ବେହେରା, ବହୁଜନ ସମାଜ ପାର୍ଟିରୁ ପୃଥ୍ୱୀରାଜ ଦାସ, ନ୍ୟାଶନାଲ ଆପ୍‌ନି ପାର୍ଟିରୁ ରଞ୍ଜନ କୁମାର ସାମଲ, ସ୍ୱାଧୀନ ଭାବେ ସବିତା ରାଣୀ ପାକଲଙ୍କ ନାମ ରହିଛି। ୪୧ନଂ. ବିଧାନସଭା କ୍ଷେତ୍ର ସୋର ନିର୍ବାଚନମଣ୍ଡଳୀରେ ବିଜେଡିରୁ ମାଧବ ଧଡ଼ା, ଭାଜପାରୁ ପର୍ଶୁରାମ ଧଡ଼ା, କଂଗ୍ରେସରୁ ସୁବ୍ରତ କୁମାର ଧଡ଼ା, ବହୁଜନ ସମାଜ ପାର୍ଟିରୁ ଜିତେନ୍ଦ୍ର ସେଠୀ, ସ୍ୱାଧୀନ ଭାବେ ଅକ୍ଷୟ କୁମାର ଜେନା, କାଶୀନାଥ ଦାସ, ରାକେଶ କୁମାର ମଲ୍ଲିକ ଓ ଶିବାନୀ ଶଙ୍କର ରାୟଙ୍କ ନାମ ରହିଛି। ୪୦ନଂ. ବିଧାନସଭା କ୍ଷେତ୍ର ନୀଳଗିରି ନିର୍ବାଚନମଣ୍ଡଳୀରେ ବିଜେଡିରୁ ଇଂ. ସୁକାନ୍ତ କୁମାର ନାୟକ, ଭାଜପାରୁ ସନ୍ତୋଷ ଖଟୁଆ, କଂଗ୍ରେସରୁ ଅକ୍ଷୟ ଆଚାର୍ଯ୍ୟ, କମ୍ୟୁନିଷ୍ଟ ପାର୍ଟି ଅଫ୍ ଇଣ୍ଡିଆରୁ ଅଜୟ କୁମାର ପଟ୍ଟନାୟକ, ସମୃଦ୍ଧ ଓଡ଼ିଶାରୁ ଅରୁଣ କୁମାର ବାରିକ, ନ୍ୟାଶନାଲ ଆପ୍‌ନି ପାର୍ଟିରୁ ଗଙ୍ଗାଧର ନାୟକ ଓ କମ୍ୟୁନିଷ୍ଟ ପାର୍ଟି ଅଫ୍ ଇଣ୍ଡିଆ (ମାର୍କସସିଷ୍ଟ)ରୁ ଜଗନ୍ନାଥ ଦାସଙ୍କ ନାମ ରହିଛି। ୩୯ନଂ. ବିଧାନସଭା କ୍ଷେତ୍ର ରେମୁଣା ନିର୍ବାଚନମଣ୍ଡଳୀରେ ବିଜେଡିରୁ ବିଦ୍ୟାସ୍ମିତା ମହାଲିକ, ଭାଜପାରୁ ଗୋବିନ୍ଦ ଚନ୍ଦ୍ର ଦାସ, କଂଗ୍ରେସରୁ ସୁଦର୍ଶନ ଜେନା, ନ୍ୟାଶନାଲ ଆପ୍‌ନି ପାର୍ଟିରୁ ଈଶ୍ୱର ମଲ୍ଲିକ, ସ୍ୱାଧୀନ ଭାବେ ବିଜୟ କୁମାର ସେଠୀ ଓ ସୁଧାଂଶୁ ଶେଖର ପରିଡ଼ାଙ୍କ ନାମ ରହିଛି। ୩୮ନଂ. ବିଧାନସଭା କ୍ଷେତ୍ର ବାଲେଶ୍ୱର ନିର୍ବାଚନମଣ୍ଡଳୀରେ ବିଜେଡିରୁ ସ୍ୱରୂପ କୁମାର ଦାସ, ଭାଜପାରୁ ମାନସ କୁମାର ଦତ୍ତ, କଂଗ୍ରେସରୁ ମୋନାଲିସା ସାମଲ, ବହୁଜନ ସମାଜ ପାର୍ଟିରୁ ସନ୍ତୋଷ କୁମାର ମହାପାତ୍ର, ନବ ଭାରତ ନିର୍ମାଣ ସେବା ପାର୍ଟିରୁ ପର୍ଶୁରାମ ଲେଙ୍କା, ସ୍ୱାଧୀନ ଭାବେ ବିକ୍ରମ ପଣ୍ଡା ଓ ଗୋପାଳ ଖଣ୍ଡେଲୱାଲଙ୍କ ନାମ ରହିଛି। ୩୭ନଂ. ବିଧାନସଭା କ୍ଷେତ୍ର ବାଲେଶ୍ୱର ନିର୍ବାଚନମଣ୍ଡଳୀରେ ବିଜେଡିରୁ ସୁବାସିନୀ ଜେନା, ଭାଜପାରୁ ରବୀନ୍ଦ୍ର ନାଥ ଅଣ୍ଡିଆ, କଂଗ୍ରେସରୁ ବିଜନ ନାୟକ, ନବ ନିର୍ମାଣ କୃଷକ ସଂଘରୁ ଜ୍ୟୋତ୍ସ୍ନା ମହାନ୍ତି, ନ୍ୟାଶନାଲ ନ୍ୟାୟ ଅଧିକାର ରକ୍ଷା ପାର୍ଟିରୁ ନାରାୟଣ ମାଝି, ଭାରତୀୟ ବିକାଶ ପରିଷଦରୁ ସ୍ୱାଧୀନ କୁମାର ଦାସ, ସ୍ୱାଧୀନ ଭାବେ କାମିନୀକାନ୍ତ ବେହେରା, ଜୟକୃଷ୍ଣ ରାଉତ, ଜୟନ୍ତୀ ଦାସ ଓ ଝରଣା ଜେନାଙ୍କ ନାମ ରହିଛି। ୩୬ନଂ. ବିଧାନସଭା କ୍ଷେତ୍ର ଭୋଗରାଇ ନିର୍ବାଚନମଣ୍ଡଳୀରେ ବିଜେଡିରୁ ଗୌତମବୁଦ୍ଧ ଦାସ, ଭାଜପାରୁ ଆଶିଷ ପାତ୍ର, କଂଗ୍ରେସରୁ ସତ୍ୟଶିବ ଦାସ, ନବ ଭାରତ ନିର୍ମାଣ ସଂଘରୁ ଭଗବାନ ବେହେରା ଓ ସ୍ୱାଧୀନ ଭାବେ ଅସିତ କୁମାର ଚନ୍ଦଙ୍କ ନାମ ରହିଛି। ୩୫ନଂ. ବିଧାନସଭା କ୍ଷେତ୍ର ଜଳେଶ୍ୱର ନିର୍ବାଚନମଣ୍ଡଳୀରେ ବିଜେଡିରୁ ଅଶ୍ୱିନୀ କୁମାର ପାତ୍ର, ଭାଜପାରୁ ବ୍ରଜମୋହନ ପ୍ରଧାନ, କଂଗ୍ରେସରୁ ସୁଦର୍ଶନ ଦାସ, ଫରୱାର୍ଡ ବ୍ଲକ ଇଣ୍ଡିଆରୁ ପ୍ରଦୀପ କୁମାର ସିଂ, ନବ ଭାରତ ନିର୍ମାଣ ସେବା ପାର୍ଟିରୁ ହେମନ୍ତ କୁମାର ସାହୁ, ସ୍ୱାଧୀନ ପ୍ରାର୍ଥୀ ଭାବେ ଦିବ୍ୟକାମ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ସିଂ ଓ ରମାକାନ୍ତ ଜେନାଙ୍କ ନାମ ରହିଛି। ଅନ୍ୟପକ୍ଷରେ ସିମୁଳିଆରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନ ପତ୍ର ଦାଖଲ କରିଥିବା ପ୍ରଜ୍ଞା ପରମିତା ବେହେରା ଓ ରେମୁଣାରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନ ପତ୍ର ଦାଖଲ କରିଥିବା ଚନ୍ଦନ ମଲ୍ଲିକ ନିଜର ନାମାଙ୍କନପତ୍ର ଉଠାଇ ନେଇଥିବା ବେଳେ ସୋର ନିର୍ବାଚନମଣ୍ଡଳୀ ପାଇଁ ପ୍ରାର୍ଥୀପତ୍ର ଦାଖଲ କରିଥିବା ରାଜେନ୍ଦ୍ର ଦାସ ଓ ବସ୍ତା ନିର୍ବାଚନ ମଣ୍ଡଳୀର ସ୍ୱାଧୀନ ପ୍ରାର୍ଥୀ ଗଣେଶ ରାମଙ୍କ ନାମାଙ୍କନ ନାକଚ ହୋଇଥିବା ଜଣାପଡ଼ିଛି।

# ବୁଥ୍ ମାଟି ମାଡ଼ିବେନି, ନିଜଉରୁଷବାସୀଙ୍କ ଚେତାବନୀ

## ବିତିଗଲା ୭ବର୍ଷ, ମିଳିଲାନି ସାହାରା ଇଣ୍ଡିଆ ଜମା ଅର୍ଥ



ମହିଳା ଜମାକାରୀମାନେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଭୋଟ ବର୍ଜନ ଲାଗି ଚେତାବନୀ ଦେଉଛନ୍ତି।

ଖଇରା, ୧୭।୫(ଉତ୍କଳବନ୍ଧୁ ପଣ୍ଡା)

୭ବର୍ଷ ତଳେ ଏଜେଣ୍ଟ ମାଧ୍ୟମରେ ସାହାରା ଇଣ୍ଡିଆରେ ଅର୍ଥ ଜମା ରଖିଥିଲେ। ମାଚ୍ୟୁରିଟି ପରେ ଉକ୍ତ ଅର୍ଥ ଫେରସ୍ତ ପାଇଁ ଏଜେଣ୍ଟଙ୍କ କହିଥିଲେ। ହେଲେ ଅନଲାଇନରେ ଆବେଦନ ପରେ ଏହି ଅର୍ଥ ଆକାଉଣ୍ଟକୁ ଆସିବ ବୋଲି ଏଜେଣ୍ଟ ପରାମର୍ଶ ଦେଇଥିଲେ। ଜମା ରଖିଥିବା ଶତାଧିକ ଜମାକାରୀଙ୍କୁ ଏପର୍ଯ୍ୟନ୍ତ ଉକ୍ତ ଅର୍ଥ ମିଳିପାରିଲାନି। ଏହା ପ୍ରତିବାଦରେ ଏକଜୁଟ ହୋଇ ବିରୋଧ ପ୍ରଦର୍ଶନ କରିବା ସହ ଭୋଟବର୍ଜନ ଚେତାବନୀ ଦେଇଛନ୍ତି ବାଲେଶ୍ୱର ଜିଲା ଖଇରା ବ୍ଲକ ଉଗରପଡା ପଞ୍ଚାୟତ ଅଧୀନ ନିଜଉରୁଷ ଗ୍ରାମର ସଂଖ୍ୟାଲଘୁ ସମ୍ପ୍ରଦାୟର ବାସିନ୍ଦା। ପାଖାପାଖି ୫୦ଲକ୍ଷ ଟଙ୍କା ଜମା କରିଥିଲେ ହେଁ ଟଙ୍କାଟିଏ ଅର୍ଥ ଏଯାଏ ଫେରସ୍ତ ହୋଇନାହିଁ। ଯଦି ନିର୍ବାଚନ ପୂର୍ବରୁ ଅର୍ଥ ପ୍ରଦାନ ବ୍ୟବସ୍ଥା କରା ନ ଯାଏ ସମସ୍ତ ଜମାକାରୀ ନିର୍ବାଚନ ବୁଥ ମାଟି ମାଡିବେ ନାହିଁ ବୋଲି ଜମାକାରୀ ହାଲିମା ବିବି, ସାଜେଦା ବିବି, ହକିମା ବିବି, ନୁରୁଜାନ ବିବି, କରିସ୍ମା ବିବି, ଜୁଲଫାତୁନ ବିବି ପ୍ରମୁଖ ଚରମବାଣୀ ଶୁଣାଇଛନ୍ତି।

# ବଧୂ ନିର୍ଯାତନା ମାମଲାରେ ୨ ଭାଇ ଗିରଫ

ଭୋଗରାଇ, ୧୭।୫(ପ୍ରଦୀପ ଦାସ)–ବଧୂ ନିର୍ଯାତନା ଅଭିଯୋଗରେ ବାଲେଶ୍ୱର ଜିଲା ଭୋଗରାଇ ଥାନା ଅଧୀନ ଟେଙ୍ଗ୍ରାମାରୀ ଗ୍ରାମର ଗୋପୀକୃଷ୍ଣ ଦାସ ଓ ତାଙ୍କ ଭାଇ ଗୋପାଳକୃଷ୍ଣ ଦାସଙ୍କୁ ପୋଲିସ ଗିରଫ କରିଛି। ଏହି ୨ ଭାଇଙ୍କ ସହ ବୋହୂଙ୍କ ଶାଶୁ, ଶ୍ୱଶୁର, ବଡଭଉଣୀଙ୍କ ନାମରେ ମାମଲା (ନଂ.୪୪/୨୪) ରୁଜୁ କରାଯାଇଛି। ଅଭିଯୁକ୍ତ ୨ ଭାଇଙ୍କୁ ଶୁକ୍ରବାର ଭୋଗରାଇ ଗ୍ରାମ ନ୍ୟାୟାଳୟକୁ ପୋଲିସ ଚାଲାଣ କରିଥିବା ବେଳେ କୋର୍ଟରେ ସେମାନଙ୍କର ଜାମିନ ନାମଞ୍ଜୁର ହେବାରୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଗୋପୀକୃଷ୍ଣ ଦାସ ଅଧିକ ଯୌତୁକ ଦାବି କରି ସ୍ତ୍ରୀ ଅନିତାଙ୍କୁ ଦୀର୍ଘ ମାସ ଧରି ସ୍ୱାମୀ ସହ ପରିବାରର ଲୋକେ ନିର୍ଯାତନା ଦେଇ ଆସୁଥିଲେ। ଏଥିରେ ତାଙ୍କ ଶାଶୁ, ଶ୍ୱଶୁର, ଦେଢ଼ଶୁର ଓ ଭଉଣୀ ସାମିଲ ଥିବା ଅଭିଯୋଗରେ ଦର୍ଶାଯାଇଥିଲା।

# ମା'ଙ୍କ ପାଇଁ ପ୍ରଚାର ମଇଦାନରେ ଝିଅ

ବାଲିଆପାଳ(ଅମୂଲ୍ୟ କୁମାର ଦାସ)/କାଳିପଦା(ରାଜଶ୍ରୀ ପାଣିଗ୍ରାହୀ), ୧୭।୫




ମା' ସୁବାସିନୀଙ୍କ ପାଇଁ ଝିଅ ସୁମନ ପ୍ରଚାର କରୁଛନ୍ତି।

ସାଧାରଣ ନିର୍ବାଚନ ଯେତିକି ପାଖେଇ ଆସୁଛି ପ୍ରାର୍ଥୀମାନେ ତାଙ୍କର ନିର୍ବାଚନ ମଇଦାନକୁ ସରଗରମ କରିବାରେ ଲାଗିପଡିଛନ୍ତି। ବସ୍ତା ନିର୍ବାଚନମଣ୍ଡଳୀ ବିଧାୟିକା ପ୍ରାର୍ଥିନୀ ସୁବାସିନୀ ଜେନାଙ୍କ ପାଇଁ ଶୁକ୍ରବାର ତାଙ୍କ ଝିଅ ସୁମନ ଘର ଘର ବୁଲି ପ୍ରଚାର କରିଛନ୍ତି। ବାଲିଆପାଳ ବ୍ଲକ ଅଧୀନ ଡଗରା ପଞ୍ଚାୟତର ଜାମତକୁଲା ଗାଁର ୩ନଂ. ୱାର୍ଡରୁ 'ମୁଁ ବି ସୁବାସିନୀ ହେବି' କାର୍ଯ୍ୟକ୍ରମ ସୁମନ ଆରମ୍ଭ କରିଛନ୍ତି। ସେ ପ୍ରତ୍ୟେକ ଘରକୁ ଯାଇ ମା'ଙ୍କ ପାଇଁ ଭୋଟ୍ ଭିକ୍ଷା କରିବା ସହିତ ଲୋକମାନଙ୍କୁ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରିବା ଏବଂ ଦୁଇ ଥର ଶଙ୍ଖ ଚିହ୍ନରେ ଭୋଟ୍ ଦେବାକୁ ନିବେଦନ କରିଛନ୍ତି। ବ୍ଲକ ମହିଳା ସଭାନେତ୍ରୀ କସ୍ତୁରୀବାଳା ପାତ୍ର, ପଞ୍ଚାୟତର ମହିଳା ସଭାପତି ସସ୍ମିତା ନାୟକ, ଜସ୍ମିତା କଅଁର, ସୁମିତ୍ରା ପାତ୍ର, କୁନିମଣି ଜେନା, ସବିତା ପାତ୍ର, ବିଜୟା ଜେନା ଏବଂ ବିଜେଡିର ବହୁ କର୍ମକର୍ତ୍ତା ଯୋଗଦେଇଥିଲେ।

ସୁମନ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ, ମା'ଙ୍କ ପ୍ରତି ଏତେ ମାତ୍ରାରେ ଜନ ସମର୍ଥନ ଦେଖି ଭାବବିହ୍ୱଳ ହୋଇପଡିଥିଲି। ଏହି କାର୍ଯ୍ୟକ୍ରମ ବସ୍ତା ନିର୍ବାଚନ ମଣ୍ଡଳୀର ସମସ୍ତ ୱାର୍ଡରେ ହେବା ସହିତ ପ୍ରତ୍ୟେକ ଭୋଟରଙ୍କ ପାଖକୁ ଯିବାର କାର୍ଯ୍ୟକ୍ରମ ରହିଛି ବୋଲି ପ୍ରକାଶ କରିଛନ୍ତି।

# ବୃଦ୍ଧଙ୍କୁ କଚାଡ଼ି ମାରିଲା ହାତୀ

ନୀଳଗିରି, ୧୭।୫(ପ୍ରଶାନ୍ତ ବିଶ୍ୱାଳ)–ନୀଳଗିରି ଉପଖଣ୍ଡ ବାଉଁଶବଣିଆ ପଞ୍ଚାୟତ ଢ଼ୋଲପୁର ଗାଁର ହରେକୃଷ୍ଣ ପ୍ରଧାନ(୭୦)ଙ୍କୁ ଶୁକ୍ରବାର ଏକ ହାତୀ କଚାଡି ଦଳିଦେଇଛି। ସେ ଗାଁ ଅଙ୍ଗନୱାଡ଼ି ପାଖ ଖେଳପଡ଼ିଆକୁ ପ୍ରାତଃଭ୍ରମଣ ପାଇଁ ଯାଇଥିଲେ। ଗୁରୁବାର ରାତିରେ କୁଲଡିହାରୁ ଆସିଥିବା ହାତୀଟି ବୃଦ୍ଧଙ୍କୁ କଚାଡିବା ସହିତ ପାଦରେ ଦଳି ଦେଇଥିଲା। ଘଟଣାସ୍ଥଳରେ ବୃଦ୍ଧଙ୍କର ମୃତ୍ୟୁ ହୋଇଯାଇଥିଲା। ପରିବାରଲୋକେ ଖେଳପଡ଼ିଆ ନିକଟକୁ ଖୋଜିବାକୁ ଯାଇ ରକ୍ତ ଜୁଡୁବୁଡୁ ଅବସ୍ଥାରେ ବୃଦ୍ଧଙ୍କୁ ପଡିଥିବା ଦେଖିଥିଲେ। ଏଭଳି ହାତୀ ଉପଦ୍ରବ ଲାଗି ରହିଥିବାରୁ ଗ୍ରାମବାସୀ ଉତ୍ତ୍ୟକ୍ତ ହୋଇ ନୀଳଗିରି–ବଉଳଗଡ଼ିଆ ରାସ୍ତାର ବାଲିଓରାଠାରେ ରାସ୍ତାରୋକୋ କରିଥିଲେ। ନୀଳଗିରି ଥାନାଧିକାରୀ, ବନବିଭାଗ ଓ ବଣିଆ ସରପଞ୍ଚ ପହଞ୍ଚି ପ୍ରତିଶ୍ରୁତି ଦେବାରୁ ରାସ୍ତାରୋକୋ ହଟିଥିଲା।

# ପ୍ରତାପଙ୍କୁ ଭେଟିଲେ ନୂଆ ଭୋଟର



ଏମ୍‌ପିଙ୍କ ଗହଣରେ ନୂଆ ଭୋଟର।

ବାଲେଶ୍ୱର, ୧୭।୫(ମାନସ ବିଶ୍ୱାଳ)

ଚଳିତ ସାଧାରଣ ନିର୍ବାଚନରେ ବାଲେଶ୍ୱର ସଂସଦୀୟ କ୍ଷେତ୍ରରେ ଏମ୍‌ପି ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଭାଜପା ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ୫ଶହରୁ ଉର୍ଦ୍ଧ୍ୱ ନୂଆ ଭୋଟର ଭେଟିଛନ୍ତି। ଚଳିତ ନିର୍ବାଚନରେ ସେମାନେ ଭୋଟ୍ ଦେବା ସହ ତାଙ୍କର ପରିବାର ଓ ବନ୍ଧୁବାନ୍ଧବମାନଙ୍କୁ ଭୋଟ୍ ଦେବା ପାଇଁ ସଚେତନ କରାଇବେ ବୋଲି ଶୁକ୍ରବାର ଆୟୋଜିତ ଏକ କାର୍ଯ୍ୟକ୍ରମରେ ଶପଥ ନେଇଛନ୍ତି। ଏମ୍‌ପି ପ୍ରାର୍ଥୀ ଷଡ଼ଙ୍ଗୀ ବର୍ତ୍ତମାନ ପର୍ଯ୍ୟନ୍ତ ବାଲେଶ୍ୱର ଓ ଆଖପାଖ ଜିଲାରୁ ହଜାର ହଜାର ଗରିବ, ଅସହାୟ ଓ ଆଦିବାସୀ ପିଲାଙ୍କୁ ପାଠ ପଢ଼ାଇବାର ସୁବନ୍ଦୋବସ୍ତ କରିଆସୁଛନ୍ତି। ପ୍ରାଥମିକ ଶିକ୍ଷାରୁ ଉଚ୍ଚଶିକ୍ଷା ପର୍ଯ୍ୟନ୍ତ ବ୍ୟବସ୍ଥା କରି ତାଙ୍କ ଜୀବନରେ ଆଲୋକର କିରଣ ଭରି ଦେଇଥିବାରୁ ସେମାନେ ଏମ୍‌ପିଙ୍କୁ କୃତଜ୍ଞତା ଜ୍ଞାପନ କରି ଋଣ ପରିଶୋଧ କରିବା ପାଇଁ ଚଳିତ ନିର୍ବାଚନରେ ଲୋକସଭାର କୋଣ ଅନୁକୋଣରେ ପହଞ୍ଚି କାର୍ଯ୍ୟ କରିବେ ବୋଲି କହିଛନ୍ତି।

## କେନ୍ଦୁଝର

# ସରାସକୋଲାରେ ବିଜେଡି ସଭା

ପାଟଣା, ୧୭।୫(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ସରାସକୋଲା ପଞ୍ଚାୟତ ସରାସକୋଲା ପଞ୍ଚାୟତ ହାଟପଡ଼ିଆରେ ଶୁକ୍ରବାର ବିଜେଡିର ପଞ୍ଚାୟତସ୍ତରୀୟ ନିର୍ବାଚନ ସଭା ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ବିଜେଡି ସଭାପତି ମାଧବାନନ୍ଦ ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ପାଟଣା ବିଧାୟକ ପ୍ରାର୍ଥୀ ଜଗନ୍ନାଥ ନାଏକ, ମଣ୍ଡଳୀ ପର୍ଯ୍ୟବେକ୍ଷକ ଡା. ହରିଶ ଚୌଧୁରୀ, ବ୍ଲକ୍ ଅଧ୍ୟକ୍ଷା ସୁକାନ୍ତି ନାଏକ, ଉପାଧ୍ୟକ୍ଷା ବୀଣାପାଣି ନାୟକ, ପୂର୍ବତନ ବିଧାୟକ ପ୍ରାର୍ଥୀ ସତ୍ୟବ୍ରତ ନାଏକ ପ୍ରମୁଖ ଯୋଗଦେଇ ଜନ ସାଧାରଣଙ୍କୁ ଭୋଟ ଭିକ୍ଷା କରିଥିଲେ।

# ୧୯ରେ ଆସିବେ ନବୀନ ଓ ରାଜନାଥ, ୨୧ରେ ଅମିତ ଶାହା

## କେନ୍ଦୁଝରରେ ପ୍ରଚାର କରିବେ ବିଜେଡି, ଭାଜପାର ହେଭିୱେଟ୍ ନେତା

କେନ୍ଦୁଝର, ୧୭।୫(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

ଆସନ୍ତା ୨୫ ତାରିଖରେ କେନ୍ଦୁଝର ଜିଲାରେ ନିର୍ବାଚନ ହେବ। ଏଥି ପାଇଁ ଜିଲା ପ୍ରଶାସନ ପ୍ରସ୍ତୁତିକୁ ଜୋରଦାର କରିଥିବା ବେଳେ ବିଭିନ୍ନ ରାଜନୈତିକ ଦଳ ମଧ୍ୟ ପ୍ରଚାରକୁ ଜୋରଦାର କରିବା ଆରମ୍ଭ କରିଦେଇଛନ୍ତି। ବିଭିନ୍ନ ରାଜନୈତିକ ଦଳର ଷ୍ଟାର ପ୍ରଚାରକ ତଥା ହେଭିୱେଟ ନେତାଙ୍କ କାର୍ଯ୍ୟକ୍ରମ ତାଲିକା ପ୍ରସ୍ତୁତ ହୋଇସଗଲାଣି। ମେ' ୧୯ ତାରିଖରେ ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦୁଝର ଜିଲା ଗସ୍ତରେ ଆସିବା କାର୍ଯ୍ୟକ୍ରମ ରହିଛି। ୧୯ ତାରିଖ ସକାଳ ୯ଟା ୧୫ରେ ମୁଖ୍ୟମନ୍ତ୍ରୀ ସଦର ନିର୍ବାଚନମଣ୍ଡଳୀର ସିଲିସୁଆଁଠାରେ ଏକ ନିର୍ବାଚନୀ ସଭାରେ ଯୋଗଦେବେ। ସେଠାରୁ ଆନନ୍ଦପୁର ନିର୍ବାଚନ ମଣ୍ଡଳୀର ହାଟଡିହୀ ବ୍ଲକ୍‌କୁ ଯାଇ ୧୧ଟା୧୫ରେ ନିର୍ବାଚନୀ ସଭା କରିବେ। ସେହିପରି ୫–ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ୨୧ ତାରିଖରେ ଚମ୍ପୁଆ ନିର୍ବାଚନମଣ୍ଡଳୀର ନେହେରୁ ଷ୍ଟାଡିୟମରେ ସକାଳ ୯ଟା ୩୦ରେ ନିର୍ବାଚନ ସଭାରେ ଯୋଗ ଦେବେ। ପାଟଣା ନିର୍ବାଚନ ମଣ୍ଡଳୀର ସାହାରପଡ଼ାରେ ୧୧ଟା ୩୦, ତେଲକୋଇ ନିର୍ବାଚନମଣ୍ଡଳୀର କଲେଜ ପଡ଼ିଆରେ ଅପରାହ୍ନ ୩ଟା୩୦ ଏବଂ ଘଷିପୁରା ନିର୍ବାଚନମଣ୍ଡଳୀର ସାଇଁକୁଳ ପଡ଼ିଆରେ ଅପରାହ୍ନ ୪ଟା୩୦ରେ ନିର୍ବାଚନ ସଭାରେ ଯୋଗଦେବେ। ସେହିପରି ମେ' ୧୯ ତାରିଖରେ କେନ୍ଦ୍ରମନ୍ତ୍ରୀ ତଥା ଭାଜପା ନେତା ରାଜନାଥ ସିଂହ କେନ୍ଦୁଝର ଜିଲା ଗସ୍ତରେ ଆସି ପାଟଣା ନିର୍ବାଚନ ମଣ୍ଡଳୀରେ ପୂର୍ବାହ୍ନ ୧୧ଟା ୫୫ରେ ଏକ ସାଧାରଣ ସଭାରେ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ୨୧ ତାରିଖରେ ଭାଜପା ନେତା ତଥା କେନ୍ଦ୍ର ମନ୍ତ୍ରୀ ଅମିତ ଶାହା କେନ୍ଦୁଝର ଜିଲା ଗସ୍ତରେ ଆସି କେନ୍ଦୁଝର ନିର୍ବାଚନମଣ୍ଡଳୀରେ ଅପରାହ୍ନ ୧ଟା ୩୦ରେ ନିର୍ବାଚନୀ ସାଧାରଣ ସଭାରେ ଯୋଗଦେବା ନେଇ ସୂଚନା ମିଳିଛି। ଭାଜପାର ଷ୍ଟାର ପ୍ରଚାରକ ରାମାୟଣ ସିରିଏଲର ରାମ ଭୂମିକାରେ ଅଭିନୟ କରିଥିବା ଅରୁଣ ଗୋଭିଲ ମଧ୍ୟ ମେ' ୨୨ ତାରିଖରେ ଆନନ୍ଦପୁର ନିର୍ବାଚନମଣ୍ଡଳୀରେ ମଧ୍ୟାହ୍ନ ୧୨ଟା୧୦ରେ ସାଧାରଣ ସଭାରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ପରେ ଅପରାହ୍ନ ୨ଟା୫୦ରେ ଚମ୍ପୁଆ ନିର୍ବାଚନମଣ୍ଡଳୀରେ ସାଧାରଣ ସଭାରେ କର୍ମୀ ଓ ଜନସାଧାରଣଙ୍କୁ ସମ୍ବୋଧିତ କରିବେ। କାର୍ଯ୍ୟକ୍ରମକୁ ଦେଖି ପୋଲିସ ପ୍ରଶାସନ ବ୍ୟାପକ ପଦକ୍ଷେପ ଗ୍ରହଣ କରିଥିବା ବେଳେ ରାଜନୈତିକ ଦଳର ପ୍ରାର୍ଥୀ, ନେତା ଓ କର୍ମୀମାନେ ଉତ୍ସାହିତ ରହିଛନ୍ତି।

# ଦୋଷୀଙ୍କୁ ୧୦ ବର୍ଷ ଜେଲ

## ନାବାଳିକାଙ୍କୁ ବଳାତ୍କାର ମାମଲା

କେନ୍ଦୁଝର, ୧୭।୫ (ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

କେନ୍ଦୁଝର ଫାଷ୍ଟଟ୍ରାକ୍ କୋର୍ଟରେ ଶୁକ୍ରବାର ଏକ ନାବାଳିକା ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ବିଜୟ କୁମାର ମିଶ୍ର ଏହାର ବିଚାର କରି ଶରତ ମୁଣ୍ଡା (୨୨)ଙ୍କୁ ଦୋଷୀ ସାବ୍ୟସ୍ତ କରି ୧୦ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ଓ ଅନାଦାୟ ୬ ମାସ ଅଧିକ ଜେଲଦଣ୍ଡ ଆଦେଶ କରିଛନ୍ତି। ପୀଡ଼ିତାଙ୍କୁ ୭ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ରାଶି ପ୍ରଦାନ ନିମନ୍ତେ ଜିଲା ଆଇନସେବା ପ୍ରାଧିକରଣଙ୍କୁ ସୁପାରିସ କରିଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ପୀଡ଼ିତାଙ୍କ ମା'ଙ୍କ ମୃତ୍ୟୁ ପରେ ସେ ସାବତ ମା'ଙ୍କ ପାଖରେ ରହୁଥିଲେ। ଏପ୍ରିଲ ୨୦୦୦ ମସିହାରେ ଆଶାକର୍ମୀ ପୀଡ଼ିତାଙ୍କ ଶାରୀରିକ ଅସୁସ୍ଥତା ନେଇ ଏଏନ୍‌ଏମ୍ ଦିଦିଙ୍କୁ ଜଣାଇଥିଲେ। ଡାକ୍ତରୀ ପରୀକ୍ଷା ସମୟରେ ନାବାଳିକା ଗର୍ଭବତୀ ଥିବା ଜଣାପଡ଼ିଥିଲା। ପାଟଣା ଥାନା ଅଧୀନ କାମେଶ୍ୱରପୁର ଗ୍ରାମର ଶରତ ବିଭିନ୍ନ ପ୍ରକାରର ପ୍ରଲୋଭନ ଦେଖାଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିବା ପୀଡ଼ିତା ତାଙ୍କ ପରିବାର ଲୋକଙ୍କୁ କହିଥିଲେ। ଏ ସଂକ୍ରାନ୍ତରେ ପୀଡ଼ିତାଙ୍କ ସାବତ ମା' ପାଟଣା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଥିଲା। ୧୮ ଜଣ ସାକ୍ଷୀଙ୍କ ବୟାନ ଓ ପୋଲିସର ତଦନ୍ତ ରିପୋର୍ଟ ଆଧାରରେ ବିଚାରପତି ଉପରୋକ୍ତ ରାୟ ଶୁଣାଇଥିବା ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ଜ୍ଞାନେନ୍ଦ୍ରନାଥ ଜେନା କହିଛନ୍ତି।

# ୩ ନଂ. ଜୋନ୍‌ରେ ବିଜେଡିର ପ୍ରଚାର

ହାଟଡିହୀ, ୧୭।୫(ଶୁଭକାନ୍ତ ନାୟକ)

କେନ୍ଦୁଝର ଜିଲା ଆନନ୍ଦପୁର ବିଧାନସଭା କ୍ଷେତ୍ରରେ ବିଜେଡି ପକ୍ଷରୁ ଶୁକ୍ରବାର ୩ ନଂ. ଜୋନ୍‌ରେ ନିର୍ବାଚନୀ ପ୍ରଚାର କରାଯାଇଛି। ବିଜେଡି ବିଧାୟକ ପ୍ରାର୍ଥୀ ଅଭିମନ୍ୟୁ ସେଠୀ କର୍ମୀ ଏବଂ ସମର୍ଥକଙ୍କ ସହ ବେଲବାହାଲି, ପୁରୁଣିଆ, ନୂଆଗଡ଼, ଜଳସୁଆ, ସିଆପଡ଼ା, ମଙ୍ଗଳପୁର, ଟୋଲଙ୍କପଡା, ଚାଟରା, ଡିହସାହି ପ୍ରଭୃତି ଅଞ୍ଚଳରେ ବାଇକ ରାଲି କରି, ଭୋଟରଙ୍କ ଘରକୁ ଯାଇ ଡବଲ ଶଙ୍ଖ ଚିହ୍ନରେ ଭୋଟ ଦେବାକୁ କହିଥିଲେ। ଶରତ ସାହୁ, ପଦ୍ମଲୋଚନ ସାହୁ, ଅରୁଣ ସାହୁ, ସଞ୍ଜୟ ଦାସ, ଗୋବର୍ଦ୍ଧନ ସାହୁ, ବିନୋଦ ମହାପାତ୍ର, ରସା ମହାପାତ୍ର, ବିନୋଦ ରଣା, ଛବି ମାଝୀ, ବିଦ୍ୟାଧର ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

# ବଲାଣିରେ ଭାଜପାର ଶୋଭାଯାତ୍ରା

ବଡ଼ବିଲ, ୧୭।୫ (ଦେବପ୍ରିୟ ରଣା)




କେନ୍ଦୁଝର ଜିଲା ବଲାଣି ଅଞ୍ଚଳରେ ଭାଜପା ଶୁକ୍ରବାର ସନ୍ଧ୍ୟାରେ ନିର୍ବାଚନୀ ଶୋଭାଯାତ୍ରା ସହ ପ୍ରଚାର ଜୋରଦାର କରିଛି। ଚମ୍ପୁଆ ଭାଜପା ବିଧାୟକ ପ୍ରାର୍ଥୀ ମୁରଲୀ ମନୋହର ଶର୍ମା ସମର୍ଥକଙ୍କ ସହ ଶୋଭାଯାତ୍ରାରେ ବଡ଼ବିଲ ପୌରାଞ୍ଚଳର ଡ଼ବିଛକଠାରୁ ବାହାରି ବଲାଣି ପଞ୍ଚାୟତର ଲସର୍ଦା, ହରାମଠ, ବଲାଣି ବସ୍ତି, ଡବ୍ଲ୍ୟୁ ହଟିଂ, ବଲାଣି ବଜାର, ଡାକ୍ତରଖାନା ଛକ, ମସଜିଦ୍ ଛକ, ଗୀର୍ଜା ଛକ, ଗୁରୁଦ୍ୱାର ଛକ, ବିର୍ଷାମୁଣ୍ଡା ଛକ, ହନୁମାନ ମନ୍ଦିର ଦେଇ ଶାନ୍ତି ନଗର ଓ ବଲାଣି ଖଣି ଟାଉନ୍‌ସିପ ପରିକ୍ରମା କରିଥିଲା। ଶୋଭାଯାତ୍ରାରେ କେନ୍ଦୁଝର ରାଣୀ ସିନାନ୍ଦିନୀ ଭଞ୍ଜଦେଓ, କେନ୍ଦ୍ର ଇସ୍ପାତ ଓ ଗ୍ରାମ୍ୟ ଉନ୍ନୟନ ରାଷ୍ଟ୍ରମନ୍ତ୍ରୀ ଫଗନ ସିଂହ କୁଲସ୍ତେ ସାମିଲ ହୋଇ ଭୋଟ ଭିକ୍ଷା କରିଥିଲେ।

# ଅବାଧ ନିର୍ବାଚନ ପାଇଁ ପୋଲିସ, ଅବକାରୀ ଚଢ଼ାଉ

## ୧୯୮୦ ଲିଟର ମଦ ଜବତ, ୨ଗିରଫ

ପାଟଣା, ୧୭।୫(ବୀର କିଶୋର ଦାଶ):

ସାଧାରଣ ନିର୍ବାଚନକୁ ଅବାଧ କରିବା ନେଇ ପ୍ରଶାସନ ପକ୍ଷରୁ ଗଠିତ ଫ୍ଲାଇଂସ୍କ୍ୱାଡ, ଅବକାରୀ ଓ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଉଛି। ଏହି ପରିପ୍ରେକ୍ଷୀରେ ପାଟଣା ଥାନା ଅଧିକାରୀ ବିବସ୍ୱ ପ୍ରଧାନଙ୍କ ନେତୃତ୍ୱରେ ପୋଲିସ ଫୋର୍ସ ଭାଲିଆଡ଼ିହା, ଖଣ୍ଡେଇପଡ଼ା, ଭୋଲପଡ଼ାରେ ଚଢ଼ାଉ କରି ୫ ଶହ ଲିଟର ମହୁଲି ମଦ ଜବତ କରିବା ସହ ୧୫ ଶହ କିଗ୍ରା ପୋଚକୁ ନଷ୍ଟ କରିଛି। ସେହିଭଳି ତୁରୁମୁଙ୍ଗା ଥାନା ଅଧିକାରୀ ଧର୍ମେନ୍ଦ୍ର ଶାନ୍ତିଙ୍କ ନେତୃତ୍ୱରେ ତୁରୁମୁଙ୍ଗା ଥାନା ହୀରାପଶି ଗ୍ରାମରେ ପୋଲିସ ଓ ଏସ୍‌ଏସ୍‌ଟିଏଫ୍ ଟିମ ଚଢ଼ାଉ କରି ମହୁଲି ମଦ ଜବତ କରିବା ସହ ପୋଚକୁ ନଷ୍ଟ କରିଛନ୍ତି। ସେହିପରି ଭଲିଆଡିହା ଗ୍ରାମରେ ଚଢ଼ାଉ କରି ୧୪ଶହ ୮୦ଲିଟର ମହୁଲି ମଦ ଜବତ କରିବା ସହ ୧୨ ହଜାର ୩ ଶହ କିଗ୍ରା ପୋଚକୁ ନଷ୍ଟ କରାଯାଇଛି। ୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି।



## ୪ ମଦ ବ୍ୟବସାୟୀ ଗିରଫ

ହାଟଡ଼ିହୀ/ ଆନନ୍ଦପୁର(ଶୁଭକାନ୍ତ ନାୟକ/ଉମେଶ ଚନ୍ଦ୍ର ପାଢ଼ୀ): ଆନନ୍ଦପୁର ଏସଡିପିଓ ପ୍ରଶାନ୍ତ ବେହେରାଙ୍କ ନେତୃତ୍ୱରେ ଶୁକ୍ରବାର ନନ୍ଦିପଦା, ସୋସୋ, ଆନନ୍ଦପୁର, ଘସିପୁରା, ରାମଚନ୍ଦ୍ରପୁର ଥାନା ଅଞ୍ଚଳରେ ଚଢ଼ାଉ କରାଯାଇ ୧୬୧୮ ଲିଟର ମହୁଲି ମଦ ଜବତ ହୋଇଛି। ୩୩ ହଜାର ଲିଟର ପୋଚ ଜବତ କରାଯାଇଛି। ବେଆଇନ ନିଶା କାରବାର ଅଭିଯୋଗରେ ୪ ଜଣଙ୍କୁ ଗିରଫ କରିଛି। ନନ୍ଦିପଦା, ସୋସୋ, ଆନନ୍ଦପୁର, ଘସିପୁରା ଥାନା ମାନଙ୍କରେ ତିନୋଟି ଲେଖାଏଁ ମାମଲା ଏବଂ ରାମଚନ୍ଦ୍ରପୁର ଥାନାରେ ଗୋଟିଏ ମାମଲା ସମେତ ମୋଟ ୧୩ଟି ମାମଲା ରୁଜୁ ହୋଇଛି।

## ବେଆଇନ ମଦ ଭାଟି ଉଚ୍ଛେଦ

ବଡବିଲ(ଦେବପ୍ରିୟ ରଣା): ବଡବିଲ ପୋଲିସ ଶୁକ୍ରବାର ସୟାବାଲି ଅଞ୍ଚଳରେ ଚଢ଼ାଉ କରି ବେଆଇନ ମହୁଲିମଦ ଭାଟିକୁ ଉଚ୍ଛେଦ କରିଛି। ୧୨୦୦ ଲିଟର ମହୁଲ ପୋଚକୁ ନଷ୍ଟ କରିଛି। ମଦ ତିଆରି ନିମନ୍ତେ ବ୍ୟବହୃତ ସାମଗ୍ରୀ ଜବତ କରିଥିବା ଜଣାପଡ଼ିଛି।

## ମହୁଲ ପୋଚ ନଷ୍ଟ

ଯୋଡ଼ା(ମାନସ ମହାନ୍ତି): ବଡବିଲ ଏସ୍‌ଡିପିଓ ପ୍ରିୟ ରଞ୍ଜନ ଛୋଟରାୟଙ୍କ ତତ୍ତ୍ୱାବଧାନର ପୋଲିସ ଉପଖଣ୍ଡର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୯୧୦୦ ଲିଟର ମହୁଲ ପୋଚ ନଷ୍ଟ କରିଛି। ୩୮୦ ଲିଟର ଦେଶୀ ମଦ ଜବତ କରିଛି। ପୃଥକ ଭାବେ ୧୧ ମାମଲା ରୁଜୁ କରାଯାଇଛି। ସେହିପରି ବାମେବାରି ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ଗୁରୁତୁଆଁ ଓ ବନ୍ଧୁଆ ବେଡ଼ା ଅଞ୍ଚଳରେ ଚଢାଉ କରାଯାଇ ପ୍ରାୟ ୨୦ ହଜାର ଲିଟରରୁ ଊର୍ଦ୍ଧ୍ୱ ମହୁଲ ପୋଚ ନଷ୍ଟ କରାଯାଇଛି।

## ଧରାପଡ଼ିଲେ ୪ ଅଭିଯୁକ୍ତ

ଚମ୍ପୁଆ(ମହେଶ୍ୱର ଦାସ): ଚମ୍ପୁଆ ଏସ୍‌ଡିପିଓ ବିଜୟ ମଲ୍ଲିକଙ୍କ ନିର୍ଦ୍ଦେଶ କ୍ରମେ ଥାନା ଅଧିକାରିଣୀ ଦେବକୀ ନାଏକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନାରଦପୁର, ଟଙ୍ଗୁଆବାହାଳ ଓ ମଙ୍ଗଳପୁର ଅଞ୍ଚଳରେ ଚଢ଼ାଉ କରାଯାଇଥିଲା। ଚଢ଼ାଉରେ ପୋଲିସ ୭୨୦୦ କେଜି ପୋଚ ନଷ୍ଟ କରିବା ସହିତ ୨୦୦ ଲିଟର ମହୁଲି ମଦ ଜବତ କରିଛି। ବେଆଇନ ଭାବେ ମଦ ବିକ୍ରି ଅଭିଯୋଗରେ ୪ ଜଣକୁ ଗିରଫ କରାଯାଇଛି।

